# ତହସିଲଦାରଙ୍କ କାର୍ଯ୍ୟାଳୟ, ସୁକିନ୍ଦା, ଜିଲ୍ଲା-ଯାଜପୁର

OFFICE OF THE TAHASILDAR SUKINDA

ଲଘୁଖଣିଜ ଦ୍ରବ୍ୟ( ଗଚ୍ଛିତ ମୋରମ) ସ୍ୱଳ୍ପ ମିଆଦୀ ନିଲାମ ନିମନ୍ତେ ବିଜ୍ଞାପନ

ସଂଖ୍ୟା-୨୮୪୪ /୨୦୨୨ ତାରିଖ-୨୦/୦୮/୨୦୨୨

**ଓଡିଶା ଲଘୁ ଖଣିଜ ଦ୍ରବ୍ୟର ରିହାତି ନିୟମାବଳୀ- 2016 ଅନୁଯାୟୀ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ , ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ସୁକିନ୍ଦା ତହସିଲ ଅଧିନରେ ଥିବା ନିମ୍ନ ସୂଚୀ ପ୍ରଦତ୍ତ ଗଚ୍ଛିତ ମୋରମ (ଲଘୁ ଖଣିଜ ଦ୍ରବ୍ୟ ) କୁ ନିଲାମ ସୂତ୍ରେ ନେବାପାଇଁ ଆସନ୍ତା ତା ୦୮.୦୮.୨୦୨୨ ରିଖ ଦିବା ୧୦.୦୦ ଘଟିକା ଠାରୁ ତା ୦୮.୦୯.୨୦୨୨ ରିଖ ଅପରାହ୍ନ ୦୫.୦୦ ଘଟିକା ପର୍ଯ୍ୟନ୍ତ ଇଚ୍ଛୁକ ସଂସ୍ଥା/ବ୍ୟକ୍ତିଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏହି ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟ ତହସିଲ କାର୍ଯ୍ୟାଳୟ, ସୁକିନ୍ଦାରେ ସମସ୍ତ କାର୍ଯ୍ୟଦିବସମାନଙ୍କରେ ଉପଲବ୍ଧ ଅଟେ ଏବଂ ଯାଜପୁର ଜିଲ୍ଲା Website https://www.jajpur.nic.in ରେ ମଧ୍ୟ ଉପଲବ୍ଧ ଅଟେ ।

| କ୍ର ନଂ | ରେଭେନ୍ୟୁ ମିସ କେଶ ନଂ | ଗଚ୍ଛିତ ମୋରମ ଗ୍ରାମର ନାମ | ମୌଜା | ଖାତା ନଂ | ପ୍ଲଟ୍ ନଂ | ରକବା | ଗଚ୍ଛିତ ମୋରମର ପରିମାଣ(ଘନ ମିରେ) | ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ ପ୍ରତି ଘନ ମି (ରୟାଲଟି+ଅତିରିକ୍ତ ଦେୟ) |
|---|---|---|---|---|---|---|---|---|
| ୧ | ୦୧/୨୦୨୧-୨୨ | ବନ୍ଧଗାଁ | ବନ୍ଧଗାଁ | ୧୨୫<br>୧୨୨ | ୫୧୮<br>୫୨୨ | ଏ୦.୪୦<br>ଏ୦.୪୦ | ୧୧୮୦୦.୩୯ | ଟ-୮୦/ଙ୍କା (୩୫+୪୫) |
| ୨ | ୦୨/୨୦୨୧-୨୨ | କାଞ୍ଚିଛୁଆ | କାଞ୍ଚିଛୁଆ | ୭୩ | ୫୪୧ | ଏ୧.୦୦ | ୩୦୧୫୧.୪୪ | ଟ-୮୦/ଙ୍କା (୩୫+୪୫) |

ସ୍ୱା-

ତହସିଲଦାର,ସୁକିନ୍ଦା

Tahasildar
SUKINDA

# ତହସିଲ କାର୍ଯ୍ୟାଳୟ ,ସୁକିନ୍ଦା

## OFFICE OF THE TAHASILDAR, SUKINDA

ଦୂରଭାଷ ନମ୍ବର – ୦୬୭୨୬ -୨୪୪୬୩୩    ଇ -ମେଲ : tdrsukinda@gmail.com    ପିନ – ୭୫୫୦୨୬) ଓଡିଶା


ଲଘୁଖଣିଜ ଦ୍ରବ୍ୟ( ଗଛିତ ମୋରମ) ସ୍ୱଳ୍ପ ମିଆଦୀ ନିଲାମ ନିମନ୍ତେ ବିଜ୍ଞାପନ

ବିସଂଖ୍ୟା-୨୯୪୨ /୨୦୨୨ ତାରିଖ-........./୦୮/୨୦୨୧

**ଓଡିଶା ଲଘୁ ଖଣିଜ ଦ୍ରବ୍ୟର ରିହାତି ନିୟମାବଳୀ- 2016 ଅନୁଯାୟୀ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ , ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ସୁକିନ୍ଦା ତହସିଲ ଅଧିନରେ ଥିବା ନିମ୍ନ ସୂଚୀ ପ୍ରଦତ୍ତ ଗଛିତ ମୋରମ (ଲଘୁ ଖଣିଜ ଦ୍ରବ୍ୟ ) କୁ ନିଲାମ ସୂତ୍ରେ ନେବାପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏହି ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟ ତହସିଲ କାର୍ଯ୍ୟାଳୟ, ସୁକିନ୍ଦାରେ ସମସ୍ତ କାର୍ଯ୍ୟଦିବସମାନଙ୍କରେ ଉପଲବ୍ଧ ଅଟେ ଏବଂ ଯାଜପୁର ଜିଲ୍ଲା Website https://www.jajpur.nic.in ରେ ମଧ୍ୟ ଉପଲବ୍ଧ ଅଟେ ।

ଗଛିତ ମୋରମର ବିବରଣୀ

| କ୍ର ନଂ | ରେଭେନ୍ୟୁ ମିସ କେଶ ନଂ | ଗଛିତ ମୋରମ ଗ୍ରାମର ନାମ | ମୌଜା | ଖାତା ନଂ | ପ୍ଲଟ୍ ନଂ | ରକବା | ଗଛିତ ମୋରମର ପରିମାଣ(ଘନ ମିରେ) | ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ ପ୍ରତି ଘନ ମି (ରୟାଲଟି+ଅତିରିକ୍ତ ଦେୟ) |
|---|---|---|---|---|---|---|---|---|
| ୧ | ୦୧/୨୦୨୧-୨୨ | ବନ୍ଧଗାଁ | ବନ୍ଧଗାଁ | ୧୨୫<br>୧୨୨ | ୫୧୮<br>୫୨୨ | ୪୦.୪୦<br>୪୦.୪୦ | ୧୧୮୦୦.୩୯ | ଟ-୮୦/ଙ୍କା (୩୫+୪୫) |
| ୨ | ୦୨/୨୦୨୧-୨୨ | କାଞ୍ଚିଛୁଆ | କାଞ୍ଚିଛୁଆ | ୭୩ | ୫୪୧ | ୪୧.୦୦ | ୩୦୧୫୧.୪୪ | ଟ-୮୦/ଙ୍କା (୩୫+୪୫) |

ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିଆତି ନିୟମାବଳୀ ୨୦୧୬ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିଆତି (ସଂଶୋଧନ) ନିୟମାବଳୀ ୨୦୧୭ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିଆତି (ସଂଶୋଧନ) ନିୟମାବଳୀ ୨୦୧୮ ବର୍ଣ୍ଣିତ ଏକ କିତା ଫର୍ମ ଏମ୍ ପୂରଣ କରି ତତ୍ ସହିତ ନିମ୍ନ ଲିଖିତ ଆବଶ୍ୟକୀୟ ଦସ୍ତାବିଜ/କାଗଜାତ ସଂଲଗ୍ନ କରି ଯଉମୁଦ ଲଫାପାରେ registered post/speed post ଜରିଆରେ ତହସିଲଦାର,ସୁକିନ୍ଦା ସା/ପୋ:-ସୁକିନ୍ଦା ଜିଲ୍ଲା–ଯାଜପୁର ପିନ-୭୫୫୦୨୬ ଙ୍କ ଠିକଣାରେ କିମ୍ବା ତହସିଲ କାର୍ଯ୍ୟାଳୟରେ ଉଦ୍ଧିଷ୍ଟ ସିଲ ଟେଣ୍ଡର ଡ୍ରପ୍ ବକ୍ସରେ ବିଜ୍ଞପ୍ତି ପ୍ରକାଶନ ତାରିଖ ପର ଦିନ ଠାରୁ ଆସନ୍ତା ତା -୦୮/୦୮/୨୦୨୨ ରିଖ ଦିବା ୫ ଘଟିକା ସମୟ ସୁଦ୍ଧା ପକାଇ ପାରିବେ(ଛୁଟି ଦିନ ବ୍ୟତିତ) । ପ୍ରାପ୍ତ ଦରଖାସ୍ତ ଗୁଡିକୁ ତାରିଖ ୦୮/୦୯/୨୦୨୨ ରିଖ ଦିବା ୧୧ ଘଟିକା ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ସିଲ୍ ଟେଣ୍ଡର୍ ଡ୍ରପ୍ ବକ୍ସ୍ ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ । ନିଲାମ ଧାର୍ଯ୍ୟ ତାରିଖ ଓ ସମୟ ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । ସେହିପରି ଅସପୂର୍ଣ୍ଣ ବା ଆବଶ୍ୟକ ଦସ୍ତାବିଜ/କାଗଜାତ ନଥିବା ଦରଖାସ୍ତ ଗୁଡିକୁ ନାକଚ କରାଯିବ । ଯଦି କୌଣସି କାରଣରୁ ଧାର୍ଯ୍ୟ ତାରିଖ ଓ ସମୟ ମଧ୍ୟରେ ନିଲାମ ନହୋଇ ପାରିଲା ତେବେ ପରବର୍ତ୍ତୀ ନିଲାମ ତାରିଖ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ସ୍ଥିର କରାଯାଇ ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ଜଣାଇ ଦିଆଯିବ ।ନିୟାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସର୍ତ୍ତାବଳୀ ଓ ନିଲାମ ଧାର୍ଯ୍ୟ ତାରିଖ ଇତ୍ୟାଦି

ବାବଦରେ ତହସିଲ କାର୍ଯ୍ୟାଳୟରେ ( ଛୁଟି ଦିନ ବ୍ୟତିତ) ସମସ୍ତ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ ଏବଂ ଯାଜପୁର ଜିଲ୍ଲା ୱେବ ସାଇଟ୍ www.jajpur.nic.in ର ଟେଣ୍ଡର ଲିଙ୍କ୍ ମାଧ୍ୟମରେ ମଧ୍ୟ ଏହି ବାବଦରେ ସମସ୍ତ ସୂଚନା ପାଇ ପାରିବେ ।

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ/କାଗଜାତ

(୧) ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିଆତି ନିୟମାବଳୀ ୨୦୧୬ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିଆତି (ସଂଶୋଧନ) ନିୟମାବଳୀ ୨୦୧୭ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିଆତି (ସଂଶୋଧନ) ନିୟମାବଳୀ ୨୦୧୮ ବର୍ଣ୍ଣିତ ଏକ କିତା ଫର୍ମ ଏମ୍ ପୂରଣ କରି ଦାଖଲ କରିବେ ।

୨) ଦରଖାସ୍ତକାରୀଙ୍କ ନାମରେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଓ ଦରଖାସ୍ତକାରୀଙ୍କ ନାମରେ Mines & Mineral (Development & Regulation Act-1957 ଏବଂ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ ଅ ନୁଯାୟୀ ନିୟମ ଉଲ୍ଲଘନର କୌଣସି ମୋକଦ୍ଦମା କୌଣସି ଅଦାଲତରେ ବିଚାରଧିନ ନଥିବାର ଏକ ସତ୍ୟପାଠ ଦାଖଲ କରିବେ ।

୩) ଧାର୍ଯ୍ୟ ରୟାଲଟି ଓ ଅତିରିକ୍ତ ଦେୟର ଶତକଡା ୨୫% ମୂଲ୍ୟର EMD (ସିକୁରିଟି) ବାବଦକୁ ତହସିଲଦାର, ସୁକିନ୍ଦାଙ୍କ ନାମରେ ଡିମାଣ୍ଡ ଡ୍ରାଫ୍ଟ ଦାଖଲ କରିବେ

୪) ପାନ୍ କାର୍ଡ/ଆଧାର କାର୍ଡ / ଭୋଟର ପରିଚୟ ପତ୍ରର ନକଲ ନିଜ ଦ୍ୱାରା ଅନୁମୋଦିତ (self attested ) କରାଯାଇ ଦାଖଲ କରିବେ ।

## ସର୍ତ୍ତାବଳୀ

୧) ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ର ପରିସରଭୁକ୍ତ ରହିବେ ।

୨) ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦାଖଲ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବା , ଯଦି ଏକାଧିକ ନିଲାମଧାରୀ ସମାନ ମୂଲ୍ୟ ଦରଜ କରିଥିବେ ତେବେ ଲଟୋରୀ ମାଧ୍ୟମରେ ଲିଜ୍ ପ୍ରଦାନ କରାଯିବ ।

୩) ଯଦି ସର୍ବୋଚ୍ଚ Additional Charge ବା ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ଚୟନର ୧୫ ଦିନ ମଧ୍ୟରେ ସମସ୍ତ ଦେୟ ପୈଠ ନକରନ୍ତି ବା ଖିଲାପ କରନ୍ତି ତେବେ ଦ୍ୱିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ଏବଂ ଦାଖଲ କରି ଥିବା ଅମାନତ (ସିକୁରିଟି) ଜମା ରାଶି ବ୍ୟାଜାପ୍ତି କରା ଯିବ

୪) ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥ ରାଶି ଠାରୁ ଅତି କମ୍ ହୋଇଥାଏ ତେବେ ଲିଜ୍ ପ୍ରକ୍ରିୟାକୁ ରଦ୍ଦ କରାଯାଇ ନିମ୍ନ ସ୍ୱାକ୍ଷରକାରୀ ନୂତନ ରୂପେ ନିଲାମ କରାଯିବ ।

୫) ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ଏବଂ ଆବଶ୍ୟକ ଦସ୍ତାବିଜ ଦାଖଲ କରି ନଥାନ୍ତି ତେବେ ଦରଖାସ୍ତ କୁ ବିଚାରକୁ ନିଆଯିବ ନାହିଁ ।

୬)	ବିଜ୍ଞାପନ ଖର୍ଚ୍ଚ ମନୋନିତ ଲିଜଧାରୀ ବହନ କରିବେ ।

୭)	ସର୍ବୋଚ୍ଚ ନିଲାମଧାରୀ ସମସ୍ତ ମଞ୍ଜୁର ଦେୟ ଯଥା ରୟାଲଟି,ଅତିରିକ୍ତ ଦେୟ ସହିତ ରୟାଲଟିର ୧୦% ,୫% ଓ ୨% ଯଥାକ୍ରମରେ DMF,EMF ଓ ITବାବଦକୁ ଏକକାଳିନ ଜମା କରିବାକୁ ହେବ ।

୮)	ନିଲାମଧାରୀ ଓଡିଶା ଲଘୁ ଖଣିଜ ନିୟମ 2016 ତଥା ସମସ୍ତ ସଂଶୋଧିତ ନିୟମ ଏବଂ ତତ୍ ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।

୯)	ଉକ୍ତ ନିଲାମ ସମ୍ବନ୍ଧୀୟ ଇସ୍ତିହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରଙ୍କର ରହିଛି ।

୧୦)	କୌଣସି କାରଣ ନ ଦର୍ଶାଇ ନିଲାମ ପରିବର୍ତ୍ତନ ତଥା ବାତିଲ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ଅଛି।

୧୧)	ଯଦି ଉକ୍ତ ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି ।

୧୨) ନିଲାମ ପ୍ରକ୍ରିୟା ସମୟରେ ସମସ୍ତ ଆବେଦନକାରୀ କୋଭିଡ୍-୧୯ ନିୟମ ଅନୁପାଳନ କରିବାକୁ ବାଧ୍ୟ ହେବେ ।

ତହସିଲଦାର,ସୁକିନ୍ଦା
Tahasildar
SUKINDA

ପରିପତ୍ର ସଂଖ୍ୟା ୨୧୪୩ /ତାରିଖ:- ୩୦/୩/୨୦୨୨

ଏହାର ଏକକିତା ନକଲ ଜିଲ୍ଲାପାଳ,ଯାଜପୁର /ଉପ-ଜିଲ୍ଲାପାଳ ,ଯାଜପୁରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,ସୁକିନ୍ଦା
Tahasildar
SUKINDA

ପରିପତ୍ର ସଂଖ୍ୟା ୨୧୪୮ /ତାରିଖ:- ୩୦/୩/୨୦୨୨

ଏହାର ଏକକିତା ନକଲ ସୁକିନ୍ଦା ପଞ୍ଚାୟତ ସମିତି/ ସଂପୃକ୍ତ ଗ୍ରାମ ପଞ୍ଚାୟତ/ତହସିଲର ସମସ୍ତ ରାଜସ୍ୱ ନିରୀକ୍ଷକ/ସୈରାତ ଉତ୍ସ ଅବସ୍ଥିତ ସଂପୃକ୍ତ ଥାନା/ସୁକିନ୍ଦା ତହସିଲ୍ କାର୍ଯ୍ୟାଳୟ ବିଜ୍ଞାପନ ଫଂଳକକୁ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ,

ତହସିଲଦାର,ସୁକିନ୍ଦା
Tahasildar
SUKINDA

ପରିପତ୍ର ସଂଖ୍ୟା ୨୧୪୯ /ତାରିଖ:- ୩୦/୩/୨୦୨୨

ଏହାର ଏକକିତା ନକଲ ଜିଲ୍ଲା ବୈଷୟିକ ସୂଚନା ଅଧିକାରୀ, ରାଷ୍ଟ୍ରୀୟ ବୈଷୟିକ ସୂଚନା କେନ୍ଦ୍ର, ଯାଜପୁରଙ୍କ ଅବଗତି ଏବଂ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଗଲା କି ଉପରୋକ୍ତ ବିଜ୍ଞପ୍ତିକୁ ବହୁଳ ପ୍ରଚାର ନିମନ୍ତେ ଜିଲ୍ଲା ୱେବସାଇଟରେ ପ୍ରକାଶ କରିବା ହେବେ ।

ତହସିଲଦାର,ସୁକିନ୍ଦା
Tahasildar
SUKINDA